ପ୍ରେମ୍ ଚନ୍ଦ୍ର ଅଗ୍ରୱାଲ୍ ଏବଂ ଅନ୍ୟଜଣେ

ବନାମ

ଉତ୍ତର ପ୍ରଦେଶ ବିତ୍ତୀୟ ନିଗମ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 2769/2009)

ଏପ୍ରିଲ 23,2009

**[ମାର୍କଣ୍ଡେୟ କାଟଜୁ ଏବଂ ଏଚ୍. ଏଲ୍. ଦାତ୍ତୁ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଅନ୍ତରୀଣ ଆଦେଶ :*

*ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଅନ୍ତରୀଣ ଆଦେଶକୁ ଆପତ୍ତି କରି ହୋଇଥିବା ଆବେଦନ - ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଚୂଡ଼ାନ୍ତ ରାୟ ପ୍ରଦାନ କରାଗଲା - ରାୟ ଦିଆଗଲା : ଥରେ ଚୂଡ଼ାନ୍ତ ଆଦେଶ ପାରିତ ହେବା ପରେ, ପୂର୍ବବର୍ତ୍ତୀ ସମସ୍ତ ମଧ୍ୟକାଳୀନ ଆଦେଶ ଚୂଡ଼ାନ୍ତ ଆଦେଶରେ ମିଶିଯାଏ, ଏବଂ ମଧ୍ୟକାଳୀନ ଆଦେଶଗୁଡିକର ବିଦ୍ୟମାନତା ସମାପ୍ତ ହୋଇଯାଏ - ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ପାରିତ ଚୂଡ଼ାନ୍ତ ଆଦେଶକୁ ଦୃଷ୍ଟିରେ ରଖି, ଆବେଦନ ଅଧୀନରେ ଥିବା ମଧ୍ୟକାଳୀନ ଆଦେଶ ଏବଂ ସେଥିରେ ଥିବା କୌଣସି ନିର୍ଦ୍ଦେଶର ବିଦ୍ୟମାନତା ସମାପ୍ତ ହୋଇଯାଛି- ଆବେଦନ ନିରର୍ଥକ ହୋଇଯାଇଛି ଏବଂ ସେହି ଅନୁଯାୟୀ ଖାରଜ କରାଯାଏ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2769/2009

ଅବମାନନା ଆବେଦନ (ଦେୱାନୀ) ସଂଖ୍ୟା 164/2008 ସହ ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 40656/2007 ରେ ଆହ୍ଲାବାଦର ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 23.10.2008 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ବିଜୟ ହଂସାରିଆ, ରବି ମେହରୋତ୍ରା, ଆର. କେ. ସିଂହ (ଧର୍ମେନ୍ଦ୍ର କୁମାର ସିହ୍ନାଙ୍କ ତରଫରୁ)

ଉତ୍ତରଦାତାଙ୍କ ତରଫରୁ ଶ୍ରୀଶ୍ କୁମାର ମିଶ୍ର

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା ।

**ଆଦେଶ**

**<u>2009 ର ଦେୱାନୀ ଆବେଦନ ସଂଖ୍ୟା 2769/2009 (@ ସ୍ୱତନ୍ତ୍ର ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 15019/2008 :</u>**

1. ଅନୁମତି ପ୍ରଦାନ କରାଗଲା ।

2. ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦେୱାନୀ ବିବିଧ ଆବେଦନ ସଂଖ୍ୟା 40656 / 2007ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତାରିଖ 24.4.2004 ର *ବିଦ୍ୟମାନତା* ଆଦେଶ ବିରୁଦ୍ଧରେ ଏହି ଆବେଦନ ଦାଖଲ କରାଯାଇଛି ।

3. ଆବେଦନକାରୀଙ୍କ ତରଫରୁ ହାଜର ହୋଇ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ବିଜୟ ହଂସାରିଆ ଦାଖଲ କରିଛନ୍ତି ଯେ ପରବର୍ତ୍ତୀ ସମୟରେ ଆଜ୍ଞାଦେଶ ଆବେଦନ ଉପରେ 25.8.2008 ଉପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଚୂଡ଼ାନ୍ତ ରାୟ ଦିଆଯାଇଛି ।

4. ଏହା ଏକ ସୁପ୍ରତିଷ୍ଠିତ ନୀତି ଯେ ଥରେ ଏକ ଚୂଡ଼ାନ୍ତ ଆଦେଶ ପାରିତ ହେବା ପରେ, ପୂର୍ବବର୍ତ୍ତୀ ସମସ୍ତ ମଧ୍ୟକାଳୀନ ଆଦେଶ ଚୂଡ଼ାନ୍ତ ଆଦେଶରେ ମିଶି ଯାଏ, ଏବଂ ମଧ୍ୟକାଳୀନ ଆଦେଶର ବିଦ୍ୟମାନ୍ୟତା ନାହିଁ ।

`5.ଏହି ଆବେଦନରେ, ଯେହେତୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଚୂଡ଼ାନ୍ତ ଆଦେଶ ପାରିତ ହୋଇଛି, ସ୍ପଷ୍ଟତଃ ସେହି ସମାନ ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ସମସ୍ତ ମଧ୍ୟକାଳୀନ ଆଦେଶ ଆପେ ଆପେ ସେମାନଙ୍କର ବିଦ୍ୟମାନ୍ୟତା ହରାଇବେ । ଫଳସ୍ୱରୂପ ତାରିଖ 24.4.2004 ଅନ୍ତରୀଣ ଆଦେଶରେ ଦିଆଯାଇଥିବା କୌଣସି ନିର୍ଦ୍ଦେଶ ମଧ୍ୟ ବିଦ୍ୟମାନ ରହିବ ନାହିଁ ।

6. ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଚୂଡ଼ାନ୍ତ ଆଦେଶକୁ ଦୃଷ୍ଟିରେ ରଖି, ଆକ୍ଷେପିତ ମଧ୍ୟକାଳୀନ ଆଦେଶ ଏବଂ ସେଥିରେ ଥିବା କୌଣସି ନିର୍ଦ୍ଦେଶର ବିଦ୍ୟମାନ୍ୟତା ନାହିଁ । ଆବେଦନଟି ନିରର୍ଥକ ହୋଇଯାଇଛି ଏବଂ ସେହି ଅନୁଯାୟୀ, ଖାରଜ କରାଯାଏ ।

**<u>ସ୍ୱତନ୍ତ୍ର ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 15019/2008 ରେ ଅବମାନନା ଆବେଦନ ( ଦେୱାନୀ ) ସଂଖ୍ୟା 164/2008 :</u>**

7. ଉପରୋକ୍ତ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ଅବମାନନା ଆବେଦନକୁ ଖାରଜ କରିଦିଆଯାଏ ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।